## ୨୧ ଜୁଲାଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ ବୈତୁଲ୍ ଫୁତୁହ୍, ଲଣ୍ଡନ୍

### ବଦର୍ ଯୁଦ୍ଧର ଅଲୌକିକ ପରିସ୍ଥିତି ଓ ଘଟଣାବଳୀର ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ପୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ବଦର୍ ଯୁଦ୍ଧ ସମାପ୍ତ ହେବା ପରେ ହଜରତ ମୁହମ୍ମଦ [ସ.ଅ]ଙ୍କର କଏଦୀମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ପ୍ରସଙ୍ଗରେ ପୁସ୍ତକ ତବକାତ୍ ଇବନେ୍ ସଈଦ୍‌ରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ବଦର୍‌ର କଏଦୀମାନଙ୍କୁ ଅଣାଗଲା, ସେମାନଙ୍କ ମଧ୍ୟରେ ଆପଣ [ସ.ଅ]ଙ୍କ ଚଚା ହଜରତ ଅବ୍‌ବାସ[ର.ଅ] ମଧ୍ୟ ସାମିଲ ଥିଲେ । ସେଦିନ ରାତ୍ରିରେ ହଜୁର[ସ.ଅ] ଜାଗ୍ରତ ଥିବାର ଦେଖି ଜଣେ ସାହାବି ପଚାରିଲେ, ହେ ଅଲ୍ଲାଃଙ୍କ ରସୁଲ ! ଆପଣ କେଉଁ କାରଣରୁ ଚେଇଁ ରହିଛନ୍ତି । ହଜୁର[ସ.ଅ] ଉତ୍ତର ଦେଲେ, ମୋତେ ଅବ୍‌ବାସଙ୍କର ଯନ୍ତ୍ରଣା (କଇଁ କଇଁ କାନ୍ଦିବା)ର ସ୍ୱର ଶୁଣା ଯାଉଛି । ଅତଏବ ଜଣେ ବ୍ୟକ୍ତି ଚାଲିଯାଇ ଅବ୍‌ବାସଙ୍କୁ ବନ୍ଧା ଯାଇଥିବା ରସି ଢ଼ିଲା କରିଦେଲେ । ପୁନଶ୍ଚ ହଜୁର[ସ.ଅ] ପଚାରିଲେ କ'ଣ ଘଟଣା ମୁଁ ଅବ୍‌ବାସଙ୍କର ଆଉ ସ୍ୱରଶବ୍ଦ ଶୁଣୁ ନାହିଁ । ଏଥିରେ ଜଣେ ବ୍ୟକ୍ତି କହିଲେ, ମୁଁ ତାଙ୍କର ରସି କିଞ୍ଚିତ ଢ଼ିଲା କରିଦେଇଛି । ପ୍ରତିଉତ୍ତରରେ ହଜୁର[ସ.ଅ] କହିଲେ; ତେବେ ସମସ୍ତ କଏଦୀମାନଙ୍କ ସହିତ ଏହିପରି କର ।**

ସିରତ୍ ଖାତମୁନ୍ ନବୀଇନ୍‌ରେ ହଜରତ ମିର୍ଜା ବଶିର ଅହେମଦ୍ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି ଯେ, ହଜୁର[ସ.ଅ] ମୁସଲମାନମାନଙ୍କୁ ତାଗିଦ୍ କରି କହିଲେ, କଏଦୀମାନଙ୍କ ପ୍ରତି ନମ୍ର ଓ ଦୟା ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ସେମାନଙ୍କ ଆରାମର ଧ୍ୟାନ ରଖନ୍ତୁ । ସାହାବା ଯେ ନିଜ ମୁନିବଙ୍କ ପ୍ରତ୍ୟେକ କଥନ ଠିକ୍ ସେହିପରି ସମ୍ପାଦନ କରିବାକୁ ଭୀଷଣ ଅଭିଳାଷୀ ଥିଲେ । ଆପଣ [ସ.ଅ]ଙ୍କର ଏହି ଉପଦେଶ ଶୁଣିବା ମାତ୍ରେ ସାହାବାମାନେ ତଦ୍‌ନୁଯାୟୀ ଏପରି କାର୍ଯ୍ୟାନୁସରଣ କଲେ କି ବିଶ୍ୱ ଇତିହାସରେ ତାହାର ଦୃଷ୍ଟାନ୍ତ ମିଳୁ ନାହିଁ ।

ସର୍ ଉଇଲିୟମ୍ ମିଓର କଏଦୀମାନଙ୍କ ସହିତ ଏପରି ଅନନ୍ୟ ନମ୍ର ଆଚରଣର ନିମ୍ନ ଶବ୍ଦରେ ସ୍ୱୀକାର ଉକ୍ତି ପ୍ରକାଶ କରିଛନ୍ତି– ହଜରତ ମୁହମ୍ମଦ [ସ.ଅ]ଙ୍କ ଉପଦେଶ ଅନ୍ତର୍ଗତ ଅନସାର୍ ଓ ପ୍ରବାସକାରୀମାନେ ଅମାନ୍ୟକାରୀଙ୍କ କଏଦୀମାନଙ୍କ ସହିତ ବେଶ୍ ପ୍ରେମ ଓ ନମ୍ର ବ୍ୟବହାର କଲେ । ଅତଏବ ଇତିହାସ ପୃଷ୍ଠାରେ କେତେକ କଏଦୀଙ୍କ ସାକ୍ଷ୍ୟ ଏପରି ଉଲ୍ଲେଖ ରହିଛି ଯେ, ପ୍ରଭୁ ମଦିନାବାସୀଙ୍କ ମଙ୍ଗଳ କରନ୍ତୁ **! ସେମାନେ ଆମମାନଙ୍କୁ ବାହନରେ ଆରୋହଣ କରାଇ ସ୍ୱୟଂ ପଦଯାତ୍ରା କରୁଥିଲେ, ଆମକୁ ଗହମ ଅଟାରେ ତିଆରି ରୁଟି ଖୁଆଇ ସ୍ୱୟଂ ଖଜୁରୁ ଖାଇ ଦିନ ଅତିବାହିତ କରୁଥିଲେ ।** ଏକଥା ଜାଣିବା ପରେ ଆମକୁ ଆଶ୍ଚର୍ଯ୍ୟ ଚକିତ ହେବା ଉଚିତ୍ ନୁହେଁ ଯେ, କେତେକ କଏଦୀ ଏହି ନମ୍ର ଆଚରଣ ଫଳରେ ଇସଲାମ ଧର୍ମରେ ଦିକ୍ଷିତ ହୋଇଗଲେ ଏବଂ ଏପରି ଲୋକମାନଙ୍କୁ ସଙ୍ଗେସଙ୍ଗେ ସ୍ୱାଧୀନ କରିଦିଆଗଲା, ଆଉ ଯେଉଁମାନେ ସ୍ୱଧର୍ମରେ ପ୍ରତିଷ୍ଠିତ ରହିଲେ ସେମାନଙ୍କ ଉପରେ ମଧ୍ୟ ଏହି ସଦ୍ ଆଚରଣର ଉତ୍ତମ ପ୍ରଭାବ ପଡ଼ିଲା ।

ବଦର୍ ଯୁଦ୍ଧ ଓ ତାହାର ପ୍ରଭାବ ସମ୍ପର୍କରେ ବର୍ଣ୍ଣନା ମିଳେ ଯେ, ଯେତେବେଳେ ବଦର୍ ଯୁଦ୍ଧର ବିଜୟ ସମାଚାର ଘେନି ହଜରତ ଅବଦୁଲ୍ଲାଃ ବିନ୍ ରଓାହ୍[ର.ଅ] ଓ ଜୈଦ୍ ବିନ୍ ହାରସା[ର.ଅ] ମଦିନାରେ ପହଞ୍ଚିଲେ ସେତେବେଳେ ସେମାନଙ୍କ

ମୁଖରୁ ଏହି ଶୁଭ ସମାଚାର ଶୁଣି ଅଲ୍ଲାଃଙ୍କ ଶତ୍ରୁ କାବ୍ ବିନ୍ ଅଶରଫ୍ ଏହି କଥାକୁ ମିଥ୍ୟା ଦର୍ଶାଇ କହିବା ଆରମ୍ଭ କଲା କି ଯଦି ମୁହମ୍ମଦ[ସ.ଅ] ଏତେ ବଡ଼ ବଡ଼ ସରଦାର୍‌ମାନଙ୍କୁ ବଧ କରିଦେଇଛନ୍ତି ତେବେ ଆମେମାନେ ଜୀବିତ ରହିବା ପରିବର୍ତ୍ତେ ମରଣକୁ ସାଦରେ ଗ୍ରହଣ କରିନେବା ଅଧିକ ଶ୍ରେୟସ୍କର ।

ମୌଲାନା ଶିବ୍‌ଲୀ ନୁମାନୀ ନିଜ ପୁସ୍ତକରେ ବଦର୍ ଯୁଦ୍ଧର ଫଳାଫଳ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି; ବଦର୍ ଯୁଦ୍ଧ ଧାର୍ମିକ ଓ ଦେଶୀୟ ଅବସ୍ଥାରେ ଏକ ଭିନ୍ନ ପରିବର୍ତ୍ତନ ସୃଷ୍ଟି କରିଦେଲା । ବାସ୍ତବପକ୍ଷେ ଏହା ଇସଲାମ୍‌ର ଉନ୍ନତି ଓ ବିକାଶର ଭିତ୍ତିଭୂମି ଥିଲା । କୁରୈଶର ସମସ୍ତ ମାନ୍ୟଗଣ ଧନାଢ୍ୟ ବ୍ୟକ୍ତିମାନେ ଯେ, ଇସଲାମର ଉନ୍ନତି ପଥରେ ବିରାଟକାୟ ପାଚେରୀ ସଦୃଶ ବାଧକ ଥିଲେ, ସେ ସମସ୍ତେ ନିପାତ ହେଲେ ।

ଉତ୍‌ବା ଓ ଅବୁ ଜହେଲ୍ ନିହତ ହେବା ଫଳରେ କୁରୈଶ ସାମ୍ରାଜ୍ୟର ମୁକଟକୁ ଅବୁ ସୁଫୟାନ ମସ୍ତକ ଉପରେ ରଖି ଦିଆଗଲା । ଯଦ୍ୱାରା ଆମୱୀ ଶାସନର ଆଦୀଭିତ୍ତି ପଡ଼ିଲା କିନ୍ତୁ କୁରୈଶର ମୂଳ ଶକ୍ତି ଓ ସାମର୍ଥ୍ୟର ସ୍ତର ଖସିଗଲା । ମଦିନାରେ ସେପର୍ଯ୍ୟନ୍ତ ଅବଦୁଲ୍ଲାଃ ବିନ୍ ଉବଇ ବିନ୍ ସୁଲୁଲ୍ ଏକ ମାତ୍ର ଅମାନ୍ୟକାରୀ ଥିଲା କିନ୍ତୁ ପ୍ରକାଶ୍ୟ ରୂପେ ସେ ଇସଲାମୀୟ ପରିସରକୁ ଆସି ଯାଇଥିଲା । ଯଦିଚ ସେ ସାରା ଜୀବନ କପଟବିଶ୍ୱାସୀ ରହିଥିଲା ଏବଂ ସେହି ଅବସ୍ଥାରେ ହିଁ ଦେହ ତ୍ୟାଗ କରିଥିଲା । ମୁସଲମାନଙ୍କର ଏହି ମହାବିଜୟ ଅମାନ୍ୟକାରୀଙ୍କ ମଧ୍ୟରେ ଇର୍ଷାର ଅଗ୍ନିକୁ ବହୁଗୁଣିତ କରିଦେଇଥିଲା ଏବଂ ସେ ତାହାକୁ ବଶୀଭୂତ କରିପାରି ନଥିଲେ । କୁରୈଶ ପ୍ରଥମେ କେବଳ ହଜରମୀର ବିଳାପ ରୋଦନ କରୁଥିଲେ କିନ୍ତୁ ବଦର୍ ଯୁଦ୍ଧ ପରେ କୁରୈଶର ପ୍ରତ୍ୟେକ ଘର ବିଳାପପୂର୍ଣ୍ଣ ପରିସ୍ଥିତିରେ ଆଚ୍ଛାଦିତ ହୋଇଯାଇ ଥିଲା ଏବଂ ନିହତମାନଙ୍କ ପ୍ରତିଶୋଧ ନେବା ପାଇଁ ମକ୍କାର ନଗଣ୍ୟ ବାଳକମାନେ ମଧ୍ୟ ଅଧୈର୍ଯ୍ୟ, ଅଥୟ ହେଉଥିଲେ । ସୁତରାଂ ସୱୀକ ଘଟଣା ଓ ଓ୍ୱହଦ୍ ଯୁଦ୍ଧ ସେହି ଉତ୍ତେଜନା ଓ ପ୍ରତିଶୋଧ ପରାୟଣତାର ପରିଣାମ ଥିଲା ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ[ର.ଅ] କହନ୍ତି; ବଦର୍ ଯୁଦ୍ଧ ଅମାନ୍ୟକାରୀ ଓ ମୁସଲମାନ ଉଭୟଙ୍କ ଉପରେ ଅତ୍ୟନ୍ତ ଗଭୀର ଓ ଦୀର୍ଘକାଳିନ ପ୍ରଭାବ ପକାଇ ଥିଲା । ଏଥିପାଇଁ ଇତିହାସ ପୃଷ୍ଠାରେ ଏହି ଯୁଦ୍ଧକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏପରିକି ପବିତ୍ର କୁରଆନ୍‌ରେ ଏହି ଯୁଦ୍ଧକୁ ୟୋମେ ଫୁରକାନ୍ (ପୃଥକକରଣ ଦିନ) ନାମରେ ଅଭିହିତ କରାଯାଇଛି । ଅର୍ଥାତ ସେହିଦିନ ଯହିଁରେ ବିଶ୍ୱାସକାରୀ ଓ ଅବିଶ୍ୱାସକାରୀଙ୍କ ମଧ୍ୟରେ ବିଚାର କରିଦିଆଗଲା । ନିଃସନ୍ଦେହ ରୂପେ ବଦର୍ ଯୁଦ୍ଧ ପରେ ମଧ୍ୟ ଅମାନ୍ୟକାରୀ ଓ ମୁସଲମାନମାନଙ୍କ ମଧ୍ୟରେ ଭୀଷଣ ଘମାଘୋଟ ଯୁଦ୍ଧ ଘଟିଥିଲା ଏବଂ ମୁସଲମାନମାନଙ୍କ ଉପରେ ଭୟଙ୍କର ପରିସ୍ଥିତି ଆସିଥିଲା କିନ୍ତୁ ବଦର୍ ଯୁଦ୍ଧରେ ଅମାନ୍ୟକାରୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ଯାହାକୁ ପରବର୍ତ୍ତୀ ସମୟରେ କୌଣସି ସଶକ୍ତ ପ୍ରତିଶୋଧ ସଜାଡ଼ି ପାରି ନଥିଲା । ନିଃସନ୍ଦେହ ରୂପେ ନିହତମାନଙ୍କ ସଂଖ୍ୟା ଦୃଷ୍ଟିକୋଣରୁ ଦେଖିଲେ ଏହା କୌଣସି ବଡ଼ ଧରଣର ବିଜୟ ନଥିଲା । ସେହି ଯୁଦ୍ଧରେ କୁରୈଶ ଗୋଷ୍ଠୀର ୭୦ଜଣ ସୁଦକ୍ଷ ସିପାହୀଙ୍କର ବଧ ହୋଇଯିବା କଦାପି ଉକ୍ତ ଗୋଷ୍ଠୀସମୂହର ଅବସାନ ହେବା କୁହାଯାଇ ନପାରେ । ତେବେ କେଉଁ କାରଣରୁ ବଦର୍ ଯୁଦ୍ଧକୁ ୟୋମେ ଫୁରକାନ୍ ନାମରେ ଅଭିହିତ କରାଗଲା ? ଏହି ପ୍ରଶ୍ନରର ସର୍ବୋତ୍ତମ ଉତ୍ତର ଯାହାକି ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି ତାହା ଏହିକି ଯେ, ୟକ୍‌ତାଆ ଦାବିରଲ୍ କାଫିରିନ୍ ପ୍ରକୃତରେ ସେହିଦିନ ହିଁ ଅମାନ୍ୟକାରୀଙ୍କର ଭିତ୍ତିଭୂମି ଭୁଷୁଡ଼ି ପଡ଼ିଥିଲା । ଅର୍ଥାତ ବଦର୍ ଯୁଦ୍ଧର ଆଘାତ ଅମାନ୍ୟକାରୀଙ୍କ ପ୍ରାଣକେନ୍ଦ୍ରକୁ ଆଘାତ କରିଥିଲା ଏବଂ ତାହାକୁ ଦୁଇ ଭାଗରେ ବିଭକ୍ତ କରିଦେଇଥିଲା ।

ବଦର୍ ଯୁଦ୍ଧ ଫଳରେ ଅମାନ୍ୟକାରୀଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ଉତ୍‌ବା, ଶୈବା, ଉମୈୟା ବିନ୍ ଖଲଫ୍, ଉକ୍‌ବାଃ ବିନ୍ ଅବି ମଇତ ଓ ନଜର୍ ବିନ୍ ହାରିସ୍ ଆଦି କୁରୈଶର ଗୋଷ୍ଠୀଗତ ଜୀବନର ଆତ୍ମା ତଥା ପ୍ରାଣବାୟୁ ଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] ମଧ୍ୟ ଏଥିସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ, ଏଥିରେ କୌଣସି ସନ୍ଦେହ ନାହିଁ କି ଉକ୍ତ ଯୁଦ୍ଧ ପରେ ମୁସଲମାନମାନଙ୍କ ଉପରେ ଆଉ ଅତ୍ୟାଚାର ହୋଇ ନାହିଁ ଏବଂ ସେମାନେ ଅମାନ୍ୟକାରୀଙ୍କ ସହିତ ମୁହାଁମୁହିଁ ହୋଇ ନଥିଲେ । କିନ୍ତୁ ଏଥିରେ ମଧ୍ୟ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ବଦର୍ ଯୁଦ୍ଧ ଅମାନ୍ୟକାରୀଙ୍କ

ଶକ୍ତିକୁ ସମ୍ପୂର୍ଣ୍ଣ ରୂପେ ଧରାଶାୟୀ କରି ଦେଇଥିଲା ଏବଂ ମୁସଲମାନମାନଙ୍କ ଭବ୍ୟତା ଓ ଉତ୍କର୍ଷତା ପ୍ରତିପାଦିତ ହୋଇଥିଲା । ବଦର୍ ଯୁଦ୍ଧ ଯାହାକୁ ପବିତ୍ର କୁରଆନ୍‌ରେ ଫୁରକାନ୍ ବୋଲି ଦର୍ଶା ଯାଇଛି । ସେଥି ସଂକ୍ରାନ୍ତରେ ବାଇବେଲ୍‌ରେ ମଧ୍ୟ ଭବିଷ୍ୟତ ବାଣୀ ଉଲ୍ଲେଖ ରହିଛି । ଏହିପରି ପବିତ୍ର କୁରଆନ୍‌ରେ ଏଗାରତମ ରାତ୍ରିର ସୂଚନା ଦିଆଯାଇଛି ଯେ, ପ୍ରବାସର ଏକ ବର୍ଷ ପରେ ଅମାନ୍ୟକାରୀଙ୍କ ସମ୍ପୂର୍ଣ୍ଣ ଶକ୍ତି ନଷ୍ଟ ହୋଇଯିବ । ମୁସଲମାନମାନଙ୍କ ସକାଶେ ବିଜୟ ଓ କୃତକାର୍ଯ୍ୟର ପ୍ରଭାତ ଉଦୟ ହେବ । **ବସ୍ତୁତଃ ଠିକ୍ ବର୍ଷକ ପରେ ବଦର୍ ଯୁଦ୍ଧର ସୂତ୍ରପାତ ହେଲା ଯେଉଁଥିରେ ଅମାନ୍ୟକାରୀଙ୍କ ବଡ଼ ବଡ଼ ନେତାମାନେ ନିହତ ହେଲେ ଏବଂ ସେମାନଙ୍କ ଉପରେ ମୁସଲମାନମାନଙ୍କୁ ବିଜୟ ପ୍ରାପ୍ତ ହେଲା ।**

ବଦରୀ ସାହାବାଙ୍କ ଗୁରୁତ୍ୱ ଓ ବିଶେଷତାର ଅନୁମାନ ଏହିଥିରୁ ମଧ୍ୟ ପ୍ରତିପାଦିତ ହୋଇଥାଏ ଯେ, ହଜୁର[ସ.ଅ] ଏହି ସମ୍ପ୍ରଦାୟରେ ଆଗମନକାରୀ ମେହଦୀଙ୍କର ଏକ ଚିହ୍ନ ଦର୍ଶାଇ ଥିଲେ କି ତାଙ୍କ ନିକଟରେ ମଧ୍ୟ ଏକ ପୁସ୍ତକ ଥିବ ଯେଉଁଥିରେ ବଦରର୍ ସାହାବାମାନଙ୍କ ସଂଖ୍ୟା ମୁତାବକ ୩୧୩ ଜଣ ସାହାବୀଙ୍କ ନାମ ଉଲ୍ଲେଖ ଥିବ ।

ହଜରତ ମସିହ ମଉଦ[ଅ.ସ] କହନ୍ତି; ଯେହେତୁ ସହି ହଦିସ୍‌ରେ ଆସି ଯାଇଛି ଯେ, ମେହ୍‌ଦୀ ମଉଦଙ୍କ ନିକଟରେ ଗୋଟିଏ ପ୍ରକାଶିତ ପୁସ୍ତକ ଥିବ ଯେଉଁଥିରେ ୩୧୩ ସାହାବାମାନଙ୍କ ନାମ ଦରଜ୍ ଥିବ । ଏଥିସକାଶେ ଏହା ବର୍ଣ୍ଣନା କରିବା ଜରୁରୀ ଯେ ସେହି ଭବିଷ୍ୟବାଣୀ ଆଜି ପୂରଣ ହୋଇଗଲା । ଏହା ତ ସୁସ୍ପଷ୍ଟ ଯେ, ଏହି ସମ୍ପ୍ରଦାୟରେ ପୂର୍ବରୁ ଏପରି କେହି ବ୍ୟକ୍ତି ଜନ୍ମ ଗ୍ରହଣ କରି ନାହାନ୍ତି ଯେ ମେହ୍‌ଦୀ ହେବାର ଘୋଷଣା କରିଛନ୍ତି । ପୁନଶ୍ଚ ତାଙ୍କ ସମୟରେ ଛାପାଖାନା ମଧ୍ୟ ଉଦ୍ଭାବନ ହୋଇ ଯାଇଥିଲା ଏବଂ ତାଙ୍କ ନିକଟରେ ଏକ ପୁସ୍ତକ ରହିଥିବ ଯେଉଁଥିରେ ୩୧୩ ସାହାବାମାନଙ୍କ ନାମ ଦରଜ୍ ଥିବ । **ତେଣୁକରି ଯଦି ଏହା ମନୁଷ୍ୟର ସାମର୍ଥ୍ୟ ପରିସରଭୁକ୍ତ ହୋଇଥାନ୍ତା ତେବେ ଏହା ପୂର୍ବରୁ ଅନେକ ମିଥ୍ୟାବାଦୀ ନିଜକୁ ଏହି ଉପାଧିରେ ଘୋଷିତ କରିଦେଇଥାନ୍ତେ ।**

ଶେଖ୍ ଅଲ୍ଲୀ ହମ୍‌ଜା ବିନ୍ ମାଲିକ୍ ଅଲ୍ଲୀ ଅଲତୁସି ନିଜ ପୁସ୍ତକ "ଜୱାହିରୁଲ୍ ଅସରାର୍"ରେ ମସିହ ମଉଦଙ୍କ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି, ମେହ୍‌ଦୀ ସେହି ଗ୍ରାମରୁ ଆବିର୍ଭୁତ ହେବ ଯାହାର ନାମ କଦା ଅଟେ । ପୁନଶ୍ଚ କହିଲେ ଯେ, ପରମେଶ୍ୱର ଏହି ମେହଦୀଙ୍କ ସମର୍ଥନ କରିବ ଏବଂ ଦୂର ଦୂରାନ୍ତରୁ ତାଙ୍କର ଅନୁଗାମୀ ଏକତ୍ରିତ ହେବେ ଯାହାଙ୍କ ଗଣନା ବଦର୍ ଯୁଦ୍ଧରେ ଯୋଗଦାନକାରୀଙ୍କ ବରାବର୍ ହେବ । ଅର୍ଥାତ ୩୧୩ ହୋଇଥିବ ଏବଂ ସେମାନଙ୍କ ନାମ, ବାସସ୍ଥାନ ଓ ବିଶେଷତା ପ୍ରକାଶିତ ପୁସ୍ତକରେ ଦରଜ୍ ହୋଇଥିବ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସମ୍ପ୍ରତି ଏହା ସୁସ୍ପଷ୍ଟ ଯେ, ଏପରି କୌଣସି ବ୍ୟକ୍ତିଙ୍କୁ ସଂଯୋଗ ହୋଇ ନାହିଁ ଯେ ସେ ମେହଦୀ ମଉଦ୍ ହେବାର ଘୋଷଣା କରିଛନ୍ତି ଏବଂ ତାଙ୍କ ନିକଟରେ ଏକ ପ୍ରକାଶିତ ପୁସ୍ତକ ରହିଥିଲା ଯେଉଁଥିରେ ତାଙ୍କ ସାଥିମାନଙ୍କ ନାମ ଉଲ୍ଲେଖ ରହିଥିବ । କିନ୍ତୁ ଏହା ପୂର୍ବରୁ ମଧ୍ୟ ଆମେ ନିଜ ପୁସ୍ତକ "ଆଇନା କମାଲାତେ ଇସଲାମ"ରେ ୩୧୩ ସାହାବାମାନଙ୍କ ନାମ ଦରଜ୍ କରି ଦେଇଛୁ ଏବେ ପୁନଃ ପ୍ରମାଣିତ କରିବା ସକାଶେ ୩୧୩ ସାହାବାମାନଙ୍କ ନାମ (ଅନ୍‌ଜାମେ ଆଥମ୍)ରେ ଉଲ୍ଲେଖ କରୁଅଛି ।

ଚଉଦଶହ ଶତାବ୍ଦୀ ସେହି ନିର୍ଦ୍ଦିଷ୍ଟ କାଳ ଯାହା ସଂକ୍ରାନ୍ତରେ ମହିଳାମାନେ ମଧ୍ୟ କହୁଥିଲେ ଯେ, ସେହି ଶତାବ୍ଦୀ ମଙ୍ଗଳପ୍ରଦ ଓ ବରକତ୍ ଘେନି ଆସିବ । **ଅଲ୍ଲାଃତାଲାଙ୍କ ବାଣୀ ପୂରଣ ହେଲା । ଚଉଦଶହ ଶତାବ୍ଦୀରେ ଅଲ୍ଲାଃତାଲାଙ୍କ ଇଚ୍ଛାନୁଯାୟୀ ଅହମଦ୍ ବିଶେଷତାର ଆବିର୍ଭାବ ହେଲା ଏବଂ ତାହା ଏହି ବିନୀତ ଅଟେ ।** ଯାହା ପ୍ରତି ବଦର୍ ଘଟଣାରେ ଭବିଷ୍ୟତ ବାଣୀ ରହିଥିଲା । ଯାହାଙ୍କୁ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ସଲାମ୍ ଜଣାଇଛନ୍ତି । କିନ୍ତୁ ଦୁଃଖଦ ! ଯେତେବେଳେ ସେହି ଦିବସ ଆସିଲା ଏବଂ ପୂର୍ଣ୍ଣଚନ୍ଦ୍ର ଦୃଶ୍ୟମାନ ହେଲା ସେତେବେଳେ ମୋର ଜମାଅତ ଗଠନ କରିବାକୁ ବ୍ୟବସାୟ କରିବା ଏବଂ ସ୍ୱାର୍ଥପର ଏପରି ଅନେକ ଆକ୍ଷେପ କରାଗଲା । ଦୁଃଖଦ ! ସେହିମାନଙ୍କ ଉପରେ ଯେ ଦେଖି ମଧ୍ୟ ଅଣଦେଖା କଲେ, ମୋର (ସୌଭାଗ୍ୟଶାଳୀ) କାଳ ଲାଭ କରି ମଧ୍ୟ ପାଇଲେ ନାହିଁ । ସେମାନେ ଏହି ଇହ ଜଗତରୁ ବାହୁଡ଼ି ଗଲେ, ସେମାନେ ମଞ୍ଚ ଉପରେ ଚଢ଼ି ଚଢ଼ି ରୋଦନ କରୁଥିଲେ ଯେ, ଚଉଦଶହ

ଶତାବ୍ଦୀରେ ଏମିତି ହେବ । କିନ୍ତୁ ବର୍ତ୍ତମାନ ସେମାନେ କହୁଛନ୍ତି ଏହି ଘୋଷଣାକାରୀ ମିଥ୍ୟାବାଦୀ ଅଟେ । ସେମାନଙ୍କୁ କ'ଣ ହୋଇଯାଇଛି ଜଣା ନାହିଁ, କ'ଣ ପାଇଁ ସେମାନେ ନିଜ ଆଖି ଖୋଲୁ ନାହାନ୍ତି ଏବଂ କାହିଁକି ଚିନ୍ତା କରୁନାହାନ୍ତି ।

ଏଥିଅନ୍ତେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ୧୭ଫେବୃଆରୀ ୧୯୦୪ମସିହାର ଡ଼ାଏରୀରେ ଉଲ୍ଲେଖିତ ହଜରତ ମସିହ ମଉଦ [ଅ.ସ]ଙ୍କର ଐଶୀବାଣୀ ଯାହାକି ବଦର୍ ଯୁଦ୍ଧକୁ ପାସୋରି ନଯିବା ବାବଦରେ ରହିଛି, କହିଲେ; ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ବିଶେଷ ରୂପେ ବଦର୍ ଯୁଦ୍ଧର ଗୁରୁତ୍ୱକୁ ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ହଜୁର [ସ.ଅ]ଙ୍କ ନିଷ୍ଠାପର ଦାସଙ୍କର ଆଗମନକୁ ହୃଦୟଙ୍ଗମ କରିନେଉ । ଅଲ୍ଲାଃତାଲା ମୁସଲମାନ ସମ୍ପ୍ରଦାୟକୁ ମଧ୍ୟ ବଦର୍ ଯୁଦ୍ଧର ବାସ୍ତବତାକୁ ବୁଝାନ୍ତୁ ଏବଂ ସେମାନେ ହଜୁର [ସ.ଅ]ଙ୍କ ଦାସତ୍ୱରେ ଆଗମନକାରୀ ହଜରତ ମସିହ ମଉଦ [ଅ.ସ]ଙ୍କୁ ଚିହ୍ନି ନିଅନ୍ତୁ । ଯଦ୍ୱାରା ମୁସଲମାନମାନେ ପୁନଃ ନିଜ ହଜିଯାଇଥିବା ମର୍ଯ୍ୟାଦାକୁ ଫେରି ପାଇବାର ସାମର୍ଥ୍ୟ ଲାଭ କରିପାରିବେ ।

ଖୁତ୍‌ବା ସାନିୟା ପୂର୍ବରୁ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଇନ୍‌ଶାଅଲ୍ଲାଃ ଆସନ୍ତା ପବିତ୍ର ଜୁମା ଦିନ ଇଂଲଣ୍ଡ ଜମାଅତର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଅଛି । ଚଳିତ ବର୍ଷ ୩/୪ବର୍ଷ ପରେ ବାହାର ଦେଶରୁ ଅହେମଦୀ ଅତିଥିମାନେ ଯୋଗଦେବେ ବରଂ ଅତିଥିମାନଙ୍କ ଆଗମନ ମଧ୍ୟ ଆରମ୍ଭ ହୋଇଗଲାଣି । ଅଲ୍ଲାଃତାଲା ସେମାନଙ୍କ ଯାତ୍ରା ସହଜ ସୁଲଭ କରିଦିଅନ୍ତୁ ଏବଂ ସୁରକ୍ଷିତ ଭାବରେ ସଭିଏଁ ଏଠାରେ ପହଞ୍ଚିଯାନ୍ତୁ ତଥା ଜଲସାର ପ୍ରକୃତ ଉଦ୍ଦେଶ୍ୟକୁ ଲଭି ନିଅନ୍ତୁ । ଏହିପରି ଇଂଲଣ୍ଡର ଅଧିବାସୀମାନେ ମଧ୍ୟ ଜଲସାରେ ଶୁଦ୍ଧପୁତ ଓ ଉତ୍କଣ୍ଠାର ସହିତ ଯୋଗ ଦିଅନ୍ତୁ । କେବଳ ଏହି ଉଦ୍ଦେଶ୍ୟ ନିଜ ସମ୍ମୁଖରେ ରଖନ୍ତୁ ଯେ, ଆମେ ଜଲସାର ଦିନମାନଙ୍କରେ ଆଧ୍ୟାତ୍ମିକ ଆହାର ହାସଲ କରିବୁ ।

ଅଧିକନ୍ତୁ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଯୋଗଦାନକାରୀ ଅତିଥିମାନଙ୍କୁ ହଜରତ ମସିହ ମଉଦ [ଅ.ସ]ଙ୍କ ଅତିଥି ମଣି ସେମାନଙ୍କ ସେବା କରିବା ପରିପ୍ରେକ୍ଷୀରେ ମୁତୟନ କର୍ମୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା, ଯୋଗଦାନକାରୀଙ୍କ କର୍ତ୍ତବ୍ୟ ତଥା ଆତିଥ୍ୟ ପ୍ରସଙ୍ଗରେ ବିସ୍ତୃତ ଭବାରେ ଉପଦେଶ ଦେଲେ । ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆମମାନଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ନିର୍ଦ୍ଦେଶାନୁଯାୟୀ ଜୀବନ ଅତିବାହିତ କରିବା ଉଚିତ୍ । ସର୍ବଦା (ଅତିଥିମାନଙ୍କ ସହିତ ସାକ୍ଷାତ କଲାବେଳେ) ସ୍ମିତହାସ୍ୟ ପ୍ରକାଶ କରିବେ, ଅଲ୍ଲାଃତାଲା କରନ୍ତୁ ସମସ୍ତ କର୍ମଚାରୀମାନେ ନିଜ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରନ୍ତୁ ଏବଂ ଆମ ଜଲସା ପ୍ରତ୍ୟେକ ଦିଗରୁ ସଫଳ ହେଉ । ଆମିନ୍ । ପ୍ରତ୍ୟେକ ଅହେମଦିଙ୍କୁ ଏଥିନିମନ୍ତେ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❊❊❊ ❊❊❊ ❊❊❊ ❊❊❊

Khulasa Khutba Juma Huzoor Anwar a.b.a
21st July 2023